# ତପସ୍ୱିନୀ

## ଗଙ୍ଗାଧର ମେହେର

## ଅଷ୍ଟମ ସର୍ଗ

(ରାଗ - କେଦାର-କମୋଦୀ )

09 August 2009

(Last updated: ୩୦ ମାର୍ଚ୍ଚ ୨୦୧୦)

http://www.iopb.res.in/~somen/GMeher

ଜୀବନେ ଯଉବନ ବଢ଼ିଲା ସମ
ବସନ୍ତ ବଢ଼ି ବନେ ହେଲା ଗ୍ରୀଷମ,
ଯୁବା-ଶକତି ଯଥା ହୁଏ ପ୍ରଖରା
ପ୍ରଚଣ୍ଡତର ହୋଇ ଆସିଲା ଖରା ।

ସୁଖ-ବିଷୟଭୋଗ-ତୃଷ୍ଣାର ପରି
ସଞ୍ଚାର କଲା ମୃଗତୃଷ୍ଣା ସୁନ୍ଦରୀ,
ତୂଳା ଉଡ଼ିଲା ତେଜି ଶାଲ୍ମଳୀ ତରୁ,
କୃପଣ ଧନ କାଳେ ଉଡ଼େ ଖାତରୁ ।

ପଲାଶ ଅଙ୍ଗେ ନାହିଁ ପୂର୍ବ ସୁରଙ୍ଗ,
ଅନିତ୍ୟ ଏହିପରି ଭବ-ପ୍ରସଙ୍ଗ,
ତାପେ ଅଧିକତର ମଲ୍ଲୀ ଫୁଟିଲା
ଅଧିକ ବାସ ତାର ଅଙ୍ଗୁ ଛୁଟିଲା ।

ସାଧୁ-ହୃଦୟ ତାପେ ହୁଏ ଅଟଳ
ବରଞ୍ଚ ହୁଏ ଶାନ୍ତି ଯଶ ପ୍ରବଳ,
କୁଟଜ ଅନାଇଲା ତାକୁ ହରଷେ !
ସାଧବ ପାଇ ସାଧୁ ଅବଶ୍ୟ ରସେ ।

ଏକ ହୃଦୟେ ଦୁହେଁ କଲେ ବିଚାର
ଗ୍ରୀଷମେ କରୁଥିଲା ବାସ ସଞ୍ଚାର,
ବରଷା ହେଲା ମହୀ ହେବ ଶୀତଳ
ଶାନ୍ତି ଲଭିବେ ଜୀବଜନ୍ତୁ ସକଳ ।

କଦମ୍ବ କେତକୀ ତ ବାସକୃପଣ
ନୁହନ୍ତି, କରିବେ ସେ ଲୋକତର୍ପଣ;
ଅର୍ପଣ କରି ଜନ-ରଞ୍ଜନଭାର
ତେଜିବା ହସି ହସି ତରୁ-ସଂସାର ।

ଉଦ୍ଦଣ୍ଡ କମଳିନୀ ଉଞ୍ଚାଇ ମଥା
ସହର୍ଷେ ସମର୍ଥନ କରି ସେ କଥା,
ବୋଇଲା ମୁହିଁ ଥାଇ ତୁମ୍ଭର ସଙ୍ଗେ
ଝାସିବି କାଳ-ସିନ୍ଧୁ ତୁଙ୍ଗ ତରଙ୍ଗେ ।

ମଲ୍ଲୀ ବୋଇଲା, ତାହା ପାରିବୁ କାହିଁ ?
ତୋ କାନ୍ତ ଭାନୁ ତୋତେ ଛାଡ଼ିବେ ନାହିଁ,
ବୋଇଲା କମଳିନୀ ଘୋଟିଲେ ଘନ
ଚାହିଁବେ ନାହିଁ କାନ୍ତ ମୋର ବଦନ ।

ବିପଦେ କରି କିଛି ଦିନ ଯାପନ
କରିବି ଭବ-ବ୍ରତ ଉଦ୍‌ଯାପନ,
କାନ୍ତ ମୋ ଘନ ଭେଦି ପାରନ୍ତି ନାହିଁ
ସହନ୍ତି ଦୁଃଖ ଲୋକମଙ୍ଗଳ ପାଇଁ ।

ଅଧିକ ଦିନ କାନ୍ତ-ପ୍ରେମାନୁରାଗ
ଭୋଗ କରିବି କାହିଁ ? ନାହିଁ ମୋ ଭାଗ୍ୟ,
ତାଙ୍କ ଚରଣ କରୁଥିବି ସ୍ମରଣ
ମରଣ ନେବ ମୋତେ କରି ବରଣ ।

ଏ ଜନ୍ମେ କିଛିଦିନ ସହିଲେ ଦୁଃଖ
ଚାହିଁବି ପରଜନ୍ମେ ସ୍ୱାମୀ-ଶ୍ରୀମୁଖ,
ସେ କଥା ଜାନକୀଙ୍କ ଜ୍ଞାନ-ଶ୍ରବଣେ
ପଡ଼ନ୍ତେ ଆଦରଣ ମଣି ଜୀବନେ ।

ବୋଇଲେ ପଦ୍ମିନୀ ଗୋ ଅଟୁ ସାଧବୀ
ଦିଶୁଛି ତୋତେ ପୁଣ୍ୟମୟୀ ପଦବୀ,
ବିଚାରେ ମୁହିଁ ତୋର ଅଟେ ଭଗିନୀ
ତହିଁ ଉପରେ ପୁଣି ଭାଗ୍ୟ-ଭାଗିନୀ ।

ତୋ ପରି ସ୍ୱାମୀସ୍ନେହ ଭୋଗିଲି ବନେ
ସ୍ୱଚ୍ଛ ଅମୃତମୟ ସୁଖ ଭବନେ,
ତୋ କାନ୍ତ ପ୍ରଭାକର ଦିବସ-ନାଥ
ସେ ବଂଶେ ଜାତ ଧରା-ନାଥ ମୋ କାନ୍ତ ।

କହୁଛି ଯାହା ନିଜ ଭବିଷ୍ୟ ଗତି
ଆଗୁଁ ମୁଁ ଲଭିଲିଣି ସେହି ପଦ୍ଧତି,
ଧନ୍ୟ ତୋ' ହୃଦ, ଧନ୍ୟ ଧନ୍ୟ ତୁ ସତୀ
ଜୀବନେ ମୋର ଦିଅ ତୋ' ଶୁଦ୍ଧମତି ।

ଲୋକ-ବଚନେ କରି ଦୁଃଖ ଅର୍ଜନ
କରିଅଛନ୍ତି କାନ୍ତ ମୋତେ ବର୍ଜନ
ମୋ' ଭାଗ୍ୟପରକାଳେ ସ୍ୱାମୀ-ଦର୍ଶନେ
କ୍ଷମ ହେବ କି ? କହ ଦିବ୍ୟ ଦର୍ଶନେ ।

ଶୀତଳ ଶତଦଳ-ଦଳର ତଳେ
ଘନ ଶ୍ୟାମଳବକ୍ଷ-ସରସୀ ଜଳେ,
ମଦ୍ୟାହ୍ନେ କଟାଇଲେ କୋକ-ଦମ୍ପତି
ରାଜହଂସୀକି ସଙ୍ଗେ ଘେନି ତା' ପତି ।

ଚିଙ୍ଗୁଡ଼ୀ କାରଣ୍ଡବ କାଣ୍ଡରୁ ବଞ୍ଚି
କମଳବନେ ଜମ୍ବ ଜମ୍ପନ ରଚି,
ଛଦ୍ମ-ବିଶାଳ-ପଦ୍ମ ବିପିନେ ବଣା
ହୋଇ ଅନ୍ତିମେ ହେଲା ବକ-ପାରଣା ।

ଉଦଣ୍ଡ ଶତପଦ୍ମ-ପଦ୍ମ ଉଦରେ
ପଡ଼ି ଶଫରି ଲମ୍ଫ ଦିଏ ଉଦରେ,
ମଣ୍ଡୂକ କୁମୁଦିନୀ ବଙ୍କା ନାଡ଼ରେ
ନ ବସୁଁ ଡିଆଁମାରେ ଡୁଣ୍ଡୁଭ ଡରେ ।

ବିଷାଦେ ବସି ପିକ ରସାଳ ଡାଳେ
କାକ କୁଳାୟ ପାଶେ ପଦ୍ମଉଡ଼ାଳେ,
ପିପାସା ସହି ଶ୍ରୁତିସୁଧା ନ ଢାଳେ
ଲୁଚିଛି ଯେହ୍ନେ ଭୟ କରି ଚଣ୍ଡାଳେ ।

ନଚାଉ ନାହିଁ ଚମ୍ପା ବିସ୍ତାରି ପୁଚ୍ଛ
ପୁଚ୍ଛ-ମୂଳ-ସୁରଙ୍ଗ-ପାଳକ-ଗୁଚ୍ଛ,
କହଳୁ ନାହିଁ ରଙ୍ଗେ ଚଳାଇ ପକ୍ଷ
ସୋଦର ଚାହିଁ କୋପେ ହୋଇ ବିପକ୍ଷ ।

ଘୁଞ୍ଚାଇଥାଏ ସିନା ତାକୁ ଆହାର
ନଡୁବା ଭ୍ରାତା ରିପୁ ହୁଏ କାହାର !
ବସିଛି ପୀନ କାୟେ ପୂର୍ଣ୍ଣ ଉଦରେ
ବିଶାଳ ଶାଳତରୁ-ଡାଳେ ମୁଦରେ ।

ମଧୁକବନେ ବସି ଶୁକ ସକଳ
ଭୋଜନ-ବ୍ୟାଜେ କାଟି ମଧୁକ ଫଳ ।
ଦ୍ୱିଜ ସ୍ୱଭାବେ କରୁଛନ୍ତି ଅଙ୍କନ
ସୂକ୍ଷ୍ମ ପଞ୍ଜିକା ଭାବୀ-ବୃଷ୍ଟି ଲକ୍ଷଣ ।

ତମସା ତଟ-ବଟ-ବିଟପି ତଳ
ନିବିଡ଼ କିଶଳୟ ଛାୟା-ଶୀତଳ ।
ଯହିଁ କୁଟଜ-ବାସ ପୂରଣ ଉଟଜେ
ସହଜେ ଗ୍ରୀଷ୍ମ ଶାନ୍ତି-ଚରଣେ ଭଜେ ।

ବାଲ୍ମୀକି ବସି ତହିଁ ଜ୍ଞାନ-ନୟନ
ଫିଟାଇ ଦେଖୁଛନ୍ତି ଶ୍ରୀରାମାୟଣ
ତାପସବୃନ୍ଦ କାହିଁ କେ ଅଧ୍ୟୟନ
କେ କାହିଁ କରୁଛନ୍ତି ବେଦ ଗାୟନ ।

ଗୁରୁ-ଗରଭ-ଭାବେ ଆଳସୀ ସୀତା
ତାପସୀ-ପରିବେଶେ ହୋଇ ବେଷ୍ଟିତା,
ନିବିଡ଼ ନିକୁଞ୍ଜରେ ପଲ୍ଲବାସନେ
ଶାନ୍ତି ସେବନ୍ତି ବସି ସ୍ଥିର-ଦର୍ଶନେ ।

ପରିଧି-ଯୁତ କି ସେ ଚନ୍ଦ୍ରମଣ୍ଡଳ
ରାକା-ବିଦାୟେ ଭଜେ ଅସ୍ତ ଅଚଳ,
ସତୀ-ପାଣ୍ଡୁର ଗଣ୍ଡ ସ୍ୱେଦ-ପଟଳ
ଶିଶିର ପରା ହିମ ନୟନ-ଜଳ ।

ତାପସୀ ମଧ୍ୟେ ରହି ଶ୍ରୀରାମ-ରାଣୀ
ଲଙ୍କା-ରାକ୍ଷସୀ-ବୃତ୍ତି ସ୍ମୃତିକୁ ଆଣି,
ଭାବନ୍ତି ତାପସୀଙ୍କ ସ୍ୱର୍ଗୀୟ ଭାବ
ରାକ୍ଷସୀ ନାରକୀୟ ମନ୍ଦ ସ୍ୱଭାବ ।

ମନେ ପଡ଼ନ୍ତେ ବୀର ବାତନୟନ
ବାତଦେବଙ୍କୁ କଲେ ଅଭିନନ୍ଦନ,
ତାଳବୃନ୍ତରେ ଦେବୀ ସାଦରେ ବିଞ୍ଚି
ପ୍ରସାଦ ଲାଭ କଲେ ଶୀତଳ-ବୀଚି ।

ଏ କାଳେ ଆଗେ ଆସି ଚିନ୍ତା-ସୁନ୍ଦରୀ
ବୋଇଲା ବଚନରେ ବିନୟ ଭରି,
"ଦେବୀ ଗୋ ! ଦ୍ୱାରେ ଆସି କେତେକ ଜନ
ସତୃଷ୍ଣେ ଲୋଡୁଛନ୍ତି ତୁମ୍ଭ ଦର୍ଶନ ।

ବହୁତ ଦୂରୁଁ ଆସିଅଛନ୍ତି ପରା
ଧନ୍ୟ ଦିଦୃକ୍ଷା ଗଣି ନାହିଁ ଏ ଖରା,
ଦେଖିଲେ ମନୋହର ରୂପ ତାଙ୍କର
ହୃଦୟ ହୋଇଯାଏ ପ୍ରୀତିଆକର ।"

ଦେବୀ ବୋଇଲେ, 'ସଖି, ଆଣ ସତ୍ୱର
ଧନ୍ୟ ମୋ ଭାଗ୍ୟ ! ମୋତେ ଏତେ ଆଦର,
ତାଙ୍କ ଦର୍ଶନେ ମୋର ନୟନଦ୍ୱୟ
କରିବେ ପାପ-ତାପ ଅବଶ୍ୟ କ୍ଷୟ ।"

ଦେବୀ ଆଦେଶେ ଜଣେ ପ୍ରଥମେ ଆସି
ବୋଇଲା ମୃଦୁମନ୍ଦ ହାସ ପ୍ରକାଶି,
ସୁଚିର ପରିଚିତ ବାନ୍ଧବ ପରି
ପ୍ରଣୟବାକ୍ୟେ ସୁଧା ସେଚନ କରି ।

"ଦେବୀ ଗୋ, ପୂର୍ବ କଥା ଅଛି କି ମନେ ?
ଚରଣ ଦେଇଥିଲ ମୋର ସଦନେ,
ତୁମ୍ଭ ଶ୍ରୀଅଙ୍ଗ ତେଜେ ମୋ' ଅବୟବ
ଲଭିଛି ଏହି ଦିବ୍ୟ ପ୍ରଭା ବିଭବ ।

ସେ ପ୍ରଭା-ବ୍ୟପଦେଶେ ମୋର ନିର୍ଝର
ଝରନ୍ତି ଆନନ୍ଦରେ ହୋଇ ଜର୍ଜର,
କୁସୁମକୁଳ ହୋଇ ପ୍ରଫୁଲ୍ଲ-ଆସ୍ୟ
ନିନ୍ଦନ୍ତି ନନ୍ଦନକୁ ଦେଖାଇ ହାସ୍ୟ ।

ସରିତ-ନୀର ହୋଇ ଚିରବାସିତ
ତୀରବାସୀଙ୍କ କରେ ସମୁଲ୍ଲସିତ,
ପ୍ରୀତିପାଳିତ ତୁମ୍ଭ ମୟୂରଗଣ
ଉଚ୍ଚେ କରନ୍ତି ନିତି ଗୁଣ ଗାୟନ ।

ତୁମ୍ଭ ଦର୍ଶନ-ଆଶା ରଖି ଅଟଳ
ଥରକୁ ଥର ଆସି ମେଘପଟଳ,
ଲୋଡ଼ନ୍ତି ଭ୍ରମି ଭ୍ରମି ଦରୀକି ଦରୀ
କାହିଁ ଅଛନ୍ତି ବୋଲି ସୀତା ସୁନ୍ଦରୀ ।

ପୁଛନ୍ତି ମୋତେ ମନ୍ଦ୍ର ଗମ୍ଭୀର ସ୍ୱରେ
ମାନନ୍ତି ନାହିଁ କେବେ 'ନାହିଁ' ଉତ୍ତରେ,
ଖୋଜନ୍ତି ପୁଣି ଶମ୍ପା-ଆଲୋକ ଧରି
ନିଶ୍ଚୟ ଅଛି ବୋଲି ସୀତାସୁନ୍ଦରୀ ।

ଚିହ୍ନ କି ଦେବି, ଆଜି ଏ ଭାଗ୍ୟହୀନେ ?
ଆସିଛି ଶ୍ରୀଛାମୁକୁ ଅନେକ ଦିନେ,
ତୁମ୍ଭ ଚରଣ-ରଜେ ମଣ୍ଡି ମୁକୁଟ
ହୋଇଛି ଭାଗ୍ୟବାନ 'ମୁଁ ଚିତ୍ରକୂଟ' ।"

ତା' ପରେ ଉଭା ଏକ ନବ ରଙ୍ଗିଣୀ
ସ୍ୱଚ୍ଛ ଉଜ୍ଜ୍ୱଳ କାନ୍ତି ମଞ୍ଜୁ ଅଙ୍ଗିନୀ,
ତୀବ୍ର ଆତପ-ତାପ-ଦର୍ପ ଗଞ୍ଜିନୀ,
କାନନ-ସୁନ୍ଦରୀଙ୍କ ଚିରସଙ୍ଗିନୀ ।

ଗଳଶୋଭିତ ଗିରିମଲ୍ଲିକାମାଳେ
ମଧୁକେ ମନୋହର ଲଲାମ ଭେଳେ,
କର୍ଣ୍ଣଭୂଷଣ କମ୍ବୁ ନୀଳରତନ
ଶୁକ୍ତି କରିଛି କଟିଭୂଷା ରଚନ ।

କାନନବାସୀମୁନି ମନମୋହିନୀ
ଚାରୁ କୁଟିଳ ନୀଳ ବେଣୀ ଶୋଭିନୀ,
କୋମଳ କଳଭାଷେ ପ୍ରସନ୍ନ ମୁଖେ
ମଧୁରେ ଜଣାଇଲା ସତୀ ସମ୍ମୁଖେ ।

'ସୁଶୀଳେ କୃତଜ୍ଞତା ଘେନ ମୋହର
ମୁଁ ଚିରଋଣୀ ସ୍ନେହ-ଋଣେ ତୋହର,
ଶୁଝିବି ଋଣ କାହିଁ ? ନାହିଁ ମୋ ଶକ୍ତି
କୃତାର୍ଥ କର ସତି, ଘେନି ମୋ ଭକ୍ତି ।

ମହୀରେ ମୋହ ପରି ନାହାନ୍ତି କେତେ
କେ କାହିଁ ପାଇଅଛି ତୋ କୃପା ଏତେ ?
ତୋ ଶୁଭ ଦୃଷ୍ଟିପାତ ଲଭିଲି ଯେଣୁ
ମୋ ବାଲି ହୋଇଅଛି ସୁବର୍ଣ୍ଣରେଣୁ ।

କ୍ରୀଡ଼ାରେ ରଞ୍ଜିବାରୁ ତୋ ଦିବ୍ୟନେତ୍ର
ମୋ' ଉର କରିଦେଲୁ ହୀରକ-କ୍ଷେତ୍ର,
ଥାଉଁ ଗିରୀନ୍ଦ୍ର-ସୁତା ଶ୍ରୀବିଷ୍ଣୁପଦୀ
ତୋ ଦତ୍ତ ଉପାଧିରେ ମୁଁ 'ମହାନଦୀ' ।

ଅଇଲା ଗୋଦାବରୀ ବିଶଦକାୟା
ବଦନେ ପଡ଼ିଅଛି ବିଷାଦ-ଛାୟା,
ବିକଳେ କରି କରି ଅଶ୍ରୁ-ମୋଚନ
ଅଞ୍ଚଳେ ପୋଛି ପୋଛି ପଦ୍ମ-ଲୋଚନ ।

ବିଚିତ୍ର ଚିତ୍ରମାନ ଉଜ୍ଜ୍ୱଳ ରଙ୍ଗେ
ରଞ୍ଜିତ କରି ଆଣିଥିଲା ତା' ସଙ୍ଗେ,
ସତୀଙ୍କ ଅନୁମତି ନେଇ ସତ୍ୱର
ଫିଟାଇ ଦେଖାଇଲା ସ୍ତରକୁ ସ୍ତର ।

କାହିଁ କୁସୁମାବଳୀବଲ୍ଲୀରୁ ଝଡ଼ି
ଖରାଂଶୁ ଖରାଂଶୁରେ ଯାଉଛି ସଢ଼ି,
ପାଦପମାନ ଶୁଷ୍କପତ୍ର-ଶେଯେ
ମଳିନ ବେଶେ ରହିଛନ୍ତି ନିସ୍ତେଜେ ।

କାହାର ଶାଖାଟିଏ ହୋଇ ବିଭଙ୍ଗ
ବରଜି ପାରି ନାହିଁ ପାଦପ-ଅଙ୍ଗ,
ତୃଣପଟଳେ ମାଗୁଅଛି ଶରଣ
କା' ଶିର ଚୁମ୍ବି, କାହା ଧରି ଚରଣ ।

ପକ୍ଷୀ-ପୁରୀଷେ ପୂରି ପତ୍ର ସକଳ
କାହା ଶରୀର କରୁଅଛି ଧବଳ,
କେହି ବା ଲୂତାଜାଲ ମଳିନ-ବାସ
ବଦନେ ତାଙ୍କ ନାଶିଅଛି ଉଲ୍ଲାସ ।

ମଣ୍ଡୂକ ଦଳ ଚାହିଁ ବକ ବିକଳମ
ମୁହୁଃ ପ୍ଲବନେ ପାଉଛନ୍ତି ବିଭ୍ରମ,
କେତେ ବା ଲୁଚି ଲୁଚି ଉପଳ ତଳେ
ଉଦର ତୋଷୁଛନ୍ତି ବସି ନିଶ୍ଚଳେ ।

ବନ୍ୟ ମହିଷ କାହିଁ ଦଳକୁ ଦଳ
ପଙ୍କିଳ କରୁଛନ୍ତି ସରସୀ ଜଳ,
ରାଜୀବରାଜି ହୋଇ କର୍ଦ୍ଦମଲିପ୍ତ
ଲୁଲାପ ପଦେ ହେଉଅଛନ୍ତି କ୍ଷିପ୍ତ ।

କାହିଁ ବା ଅଜଗର ଆହାର ଆଶେ
ପଡ଼ିଛି କାଷ୍ଠ ସମ ସଲିଳ ପାଶେ,
ତା' ପାଶେ ଚାହିଁ ମୃଗଯୂଥ ସରଣୀ
ଶାର୍ଦ୍ଦୂଳ ଲୁଚି ଚାଟୁଅଛି ସୃକ୍କଣୀ ।

ପୁଣି ଦେଖିଲେ ଘୋର ଦାବ ଦହନ
ଧୂମ ତିମିରେ ପୂର୍ଣ୍ଣ କରି ଗହନ,
ଅସଂଖ୍ୟ ଶାଖା ଶିଖିଶିଖା ପ୍ରଚଣ୍ଡ
ତେଜେଁ ମିଶୁଛି ନଭେ ଖଣ୍ଡକୁ ଖଣ୍ଡ ।

ଜ୍ୱଳନ୍ତ ପତ୍ରଚୟ ଉଠି ଗଗନ
ଧୂମ-ବାହନେ କରୁଛନ୍ତି ଗମନ,
ଦୂର ପାଦପେ ବସି ସମ୍ବାଦ କହି
ତା' ପରେ ହେଉଛନ୍ତି ତାପରେ ଦହି ।

କେତେ ପତ୍ର ଊର୍ଦ୍ଧ୍ୱପଥେ ମଳିନ
ହୋଇ ଗଗନେ ହେଉଅଛନ୍ତି ଲୀନ,
ପତତ୍ରୀ କେତେ ଉଡ଼ି ପଳାନ୍ତି ନଭେ
କେତେ ବା ପଡୁଛନ୍ତି ଅନଳ ଗର୍ଭେ ।

ମୃଗ ମହିଷ ଗଜ ଦଳକୁ ଦଳ
ଶଶ ଶୂକର ଶିବା ଭଲ୍ଲୁକ-ପଲ,
ଧୂମପଟଳେ ମଜ୍ଜି ଚାହିଁ ଅନଳେ
ଅଛନ୍ତି କାନ୍ଦିଶୀକ ହୋଇ ବିକଳେ ।

ଭୀତଚକିତବିଷ୍ଟ ପ୍ଲବଙ୍ଗଗଣ
ପଳାନ୍ତି ତରୁଁ ତରୁ କରି ପ୍ଲବନ,
ଶାବକ ଧରି ପୃଷ୍ଠେ କେହି ବା କକ୍ଷେ
ଦଉଡ଼ୁଛନ୍ତି ଧୂମେ ସରିତ ଲକ୍ଷ୍ୟେ ।

ସରିତ-ସଇକତ-ସ୍ରୋତ-ଆକୂଳ
ଭରିଅଛନ୍ତି ଜନ୍ତୁ ହୋଇ ଆକୁଳ,
ବୋଇଲା ଗୋଦାବରୀ, "ଦେଖିଲୁ ବହ୍ନେ !
ଦଣ୍ଡକା ଦଶା ତୋର ଛାଡ଼ିବା ପଛେ ।"

ବୋଇଲେ ସତୀ ପରଦୁଃଖ-କାତରା
"ହା ! ହା ! ଦଣ୍ଡକା ମୋର କେଳି-ପସରା,
ଧନ୍ୟ ହୁଅନ୍ତି କଲେ ସତ୍ୱର ବିଧି
ମୋ' ନେତ୍ର-ନୀରେ ତୋର ଶାନ୍ତିର ବିଧି ।"

ଅଯୋଧ୍ୟା ତହୁଁ ସତୀ ଛାମୁରେ ଦେଖା
କରି ପଢ଼ିଲା ରାଜଲକ୍ଷ୍ମୀର ଲେଖା,
ଶୋକ-ଗଦ୍‌ଗଦ-ଦୁଃଖ ବିକୃତସ୍ୱରେ
କମ୍ପିତ ଓଷ୍ଠେ ଲଜ୍ଜାନତ ଭାଷରେ-

"ସଖି, ମୁଁ ନିଶା, ତୁହି ଥିଲୁ କୌମୁଦୀ
ଗଲୁ ମୋ ନେତ୍ର-ଫୁଲ୍ଲକୁମୁଦ ମୁଦି,
ତୋ' ବିନା ନାହିଁ ଆଉ ମୋ' ସୁଖ ଲେଶ
ଧରିଛି ଭୂଷାହୀନା ଯୋଷାର ବେଶ ।

ରାଜଭବନ ଆଜି ହୋଇଛି ବନ
ତୋହୋ ବିରହ ତହିଁ ଦାବଦହନ,
ପ୍ରବେଶି ସବୁ କରିଦେଇଛି ନାଶ
ଅଛି କି ଆଉ ପୂର୍ବଶୋଭା ବିଳାସ ?

ପୋଡ଼ିଛି ସମୁଲ୍ଲାସ-ପଲ୍ଲବମୟ
ବିଶାଳ ସାଧୁ ହୃଦ-ପାଦପଚୟ,
ସୁହାସ-ସୁବାସିତ କୁସୁମ-ବଂଶ
ଆହା ସହଜେ ତହିଁ ହୋଇଛି ଧ୍ୱଂସ !

ଶାନ୍ତି-ହରିଣୀ ଯୂଥ ଧଇର୍ଯ୍ୟ-କରୀ
ବିଷାଦ-ଧୂମେ ପ୍ରାଣ ଅସ୍ଥିର କରି,
ତିତିକ୍ଷା-ସରିତର ଉଦରେ ଯାଇ
ଆକଣ୍ଠ ଦେଇଛନ୍ତି ତନୁ ମଗ୍ନାଇ ।

ଖଳ ହୃଦୟ ବଳବନ୍ତ ଶ୍ୱାପଦ
ତାଙ୍କୁ ହିଁ ଛାଡ଼ିନାହିଁ ସେହି ଆପଦ,
ଏକା ଶ୍ରୀରାମ-ହୃଦ-ସିନ୍ଧୁ-ଅତଳ
ଗରଭେ ହୋଇଛି ତା' ବଡ଼ବାନଳ ।

ରାହୁ ଗ୍ରାସିଲେ ଯଥା ଚନ୍ଦ୍ରମାଗାତ୍ର
ତୋ ବିନା ଅଛି ନୃପ ଆକାର ମାତ୍ର,
ପୂରିଛି ତମ ମଣିମୟ ଭବନେ
ଜୀମୂତ ଯଥା ତାରାପୂର୍ଣ୍ଣ ଗଗନେ ।

ବିଦୀର୍ଣ୍ଣ ହୃଦେ ଛନ୍ତି ଶାଶୁଏ ବସି
ସଲିଳ ଶୁଖିଗଲେ ଯଥା ସରସୀ,
ଫଣିନୀ ପ୍ରାଣଧନ ଯେସନ ମଣି
ତହୁଁ ଅଧିକ ତୋତେ ଥାଆନ୍ତି ମଣି ।

କପାଟ ପଡ଼ିଅଛି ପ୍ରମୋଦବନେ
ଫୁଲ ବା ପଡ଼ିଅଛି କାହା ନୟନେ ?
ମସ୍ତକେ ଉଠି ଗନ୍ଧବଣିକ ସାଜି
ଶୁଖାଉଛନ୍ତି ଚ୍ୟୁତ କୁସୁମରାଜି ।

ବଲ୍ଲୀ-ବିଟପୀ-ବୀଥି ହୋଇ ଅସୁଖୀ
ତୋତେ ସୁମରି ଯାଉଅଛନ୍ତି ଶୁଖି,
ଶଙ୍ଖମର୍ମରମୟ ରମ୍ୟ ପଥରେ
ଆସନ କରୁଛନ୍ତି ଶୁଷ୍କ ପତରେ ।

ଦେବରମାନେ ମାନି ପ୍ରଭୁଙ୍କ କଥା
ବିଷାଦଭରେ ଛନ୍ତି ନୁଆଇଁ ମଥା,
ମନ୍ତ୍ରେ ନିହତବୀର୍ଯ୍ୟ ଯଥା ଭୁଜଙ୍ଗ
ଅଥବା ତୀକ୍ଷ୍ଣ ଶୃଣି ଭୀତମାତଙ୍ଗ ।

ଭଗିନୀମାନଙ୍କର ଗଣ୍ଡମଣ୍ଡଳ
ନିର୍ଝର କରୁଅଛି କରକମଳ,
ହେଉଛି ଦିନୁ ଦିନ ତାହାଙ୍କ ତନୁ
ଅସିତ-ପକ୍ଷ-ଚନ୍ଦ୍ର ସଦୃଶ ତନୁ ।

ସଙ୍ଗୀତ ସଙ୍ଗିନୀଏ ମୁରଜ ମୁଖ
ନ ଛୁଇଁ ନିଜେ ହୋଇଅଛନ୍ତି ମୂକ,
ଦାସୀଏ ତୋର ବାସିକୁସୁମ ପରି
ପ୍ରଗାଢ଼ ଦୁଃଖେ ଛନ୍ତି ଜୀବନ ଧରି ।”

ନ ସାରି ପଦ୍ୟପାଠ ମ୍ଲାନରୂପସୀ
ଅଯୋଧ୍ୟା ଅବଶରେ ପଡ଼ିଲା ବସି,
ଜାନକୀ ଦୟାବତୀ ଦେଖି ତା’ ଦଶା
କ୍ଷୋଭ ସନ୍ତାପେ ଆପେ ହେଲେ ବିବଶା ।

ହୋଇ ଆସିଲା ଏବେ ଦିବାବସାନ
ଅତିଥି ବାହୁଡ଼ିଲେ ଯେ’ ଯାହା ସ୍ଥାନ,
ତାପସୀମାନେ ନେଇ ସତୀଙ୍କି ରଙ୍ଗେ
ନିରତ ହେଲେ ନିଜ ନିଜପ୍ରସଙ୍ଗେ ।

— — —